## ଡମ୍ଫର ଧକ୍କାରେ ଯୁବକ ମୃତ

**ସୋର, (ଡି.ଏନ.ଏ.):** ସୋର-ଅନନ୍ତପୁର ରାସ୍ତାର ଉଲ୍ଲାସ ଖଡଗପୁର ଛକରେ ଶୁକ୍ରବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ପଶ୍ଚିମବଙ୍ଗ ବେଲଦା ଅଞ୍ଚଳର ମାନସ ଦାସ ବ୍ୟବସାୟ କାମରେ ପାଖର ବଜାରକୁ ବାଇକ୍‌ରେ ଆସି ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ସ୍କୁଟି ସହ ଧକ୍କା ହୋଇଥିଲା। ଏଥିରେ ମାନସ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ଡମ୍ଫର ଚକ ତଳେ ପଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି।

# ୩୦ହଜାର ଚାଷୀ ଅଭାବୀ ବିକ୍ରିର ଶିକାର

## ଏଯାଏ ଖୋଲିପାରିନି ଧାନମଣ୍ଡି

**ଜଳେଶ୍ୱର, ୧୭।୧୨(ଡି.ଏନ.ଏ.)**

ଗତବର୍ଷ ବାଲେଶ୍ୱର ଜିଲା ଜଳେଶ୍ୱର ବଜାର ନିୟନ୍ତ୍ରିତ କମିଟି ଅଧୀନରେ ଚାଷୀମାନେ ୫.୫ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି କରିଥିବା ବେଳେ ଚଳିତବର୍ଷ ଅଦ୍ୟାବଧି ଧାନମଣ୍ଡି ଖୋଲିନାହିଁ। ଫଳରେ ପଞ୍ଜୀକୃତ ଚାଷୀ ଅଭାବୀ ଧାନ ବିକ୍ରିର ସମ୍ମୁଖୀନ ହୋଇଛନ୍ତି। ସରକାରଙ୍କ ନୀତିନିୟମ ଅନୁଯାୟୀ ବଜାର ନିୟନ୍ତ୍ରିତ କମିଟି ଉତ୍ପାଦିତ ଧାନ କିଣି ସରକାରଙ୍କ ଯୋଗାଣ ବିଭାଗକୁ ଦେଇଥାଏ । କିନ୍ତୁ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଅଭାବ ଯୋଗୁ ସେମାନେ ସମବାୟ ସମିତି ଜରିଆରେ ପ୍ରତିବର୍ଷ ଧାନ କ୍ରୟ କରିଥାନ୍ତି। କିନ୍ତୁ ଚଳିତବର୍ଷ ସମଗ୍ର ରାଜ୍ୟରେ ସମବାୟ ସମିତି ସମ୍ପାଦକମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଚଳାଇଥିବାରୁ ଅଦ୍ୟାବଧି ସମିତି ଜରିଆରେ ଧାନକ୍ରୟ ହୋଇପାରିନାହିଁ। ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଜଳେଶ୍ୱରର ୧୯, ଭୋଗରାଇର ୧୯ ଓ ବାଲିଆପାଳର ୧୬ଟି ସେବା ସମବାୟ ସମିତି (ପ୍ୟାକ୍ସ) ଜରିଆରେ ଧାନ କ୍ରୟ ହୋଇଥାଏ। ଚଳିତବର୍ଷ ସମିତି ସମ୍ପାଦକମାନେ ଆନ୍ଦୋଳନ ଚଳାଇଥିବାରୁ ଚଳିତବର୍ଷ ଧାନକ୍ରୟ ହୋଇପାରିନାହିଁ । ଜିଲା ପ୍ରଶାସନ ପକ୍ଷରୁ ଏଆର୍‌ସି ନିୟନ୍ତ୍ରିତ ବଜାର କମିଟି ଜରିଆରେ ଧାନକ୍ରୟ କରିବାକୁ ସମ୍ପାଦକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ୫୪ଟି ପ୍ୟାକ୍ସ ମଧ୍ୟରୁ ଗୋଟିଏ ବି ହେଲେ କେଉଁଠାରେ ଧାନକ୍ରୟ କରାଯାଇନାହିଁ। ଆସନ୍ତା ସୋମବାରଠାରୁ ଧାନକ୍ରୟ ହେବ ବୋଲି ବଜାର ନିୟନ୍ତ୍ରିତ କମିଟି ସମ୍ପାଦକ ବଳରାମ ଜେନା ସୂଚନା ଦେଇଛନ୍ତି। ଫଳରେ ଗତ ୧୦ତାରିଖରୁ ପ୍ରତିଦିନ ଯେଉଁ ଚାଷୀମାନେ ଧାନମଣ୍ଡିରେ ବିକ୍ରି କରିବାର ଥିଲା ସେମାନେ ତାଙ୍କର ଧାନ ବିକ୍ରିନେଇ ସନ୍ଦେହ ପ୍ରକାଶ ପାଇଛି।

ଗତବର୍ଷ ଯେଉଁମାନଙ୍କ ଏଭଳି ଅବସ୍ଥା ହୋଇଥିଲା ସେମାନେ ବହୁ ଆନ୍ଦୋଳନ ଓ ଦାବି ପରେ ଜିଲା ପ୍ରଶାସନ କେତେକ ଚାଷୀଙ୍କଠାରୁ ଧାନ କିଣିଥିଲେ। ଅନ୍ୟପକ୍ଷରେ ଗତବର୍ଷ ଉପରୋକ୍ତ ୫୪ଟି ପ୍ୟାକ୍ସ ଜରିଆରେ ବଜାର ନିୟନ୍ତ୍ରିତ କମିଟି ୫.୫ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରିଥିବା ବେଳେ ଅଦ୍ୟାବଧି ଆଦୌ କିଣି ନ ଥିବାରୁ ଚାଷୀମାନେ ହରଡଘଣାରେ ପଡିଛନ୍ତି। ସରକାରୀ, ବେସରକାରୀ ରଣ ସହିତ ସାର ଓ କୀଟମରା ଦୋକାନୀର କରଜ ତଥା ଏବେ ପ୍ରତିକୂଳ ପାଗରେ ଧାନ କାଟି ବୋହି ଅମଳ କରିବାରେ ଅଧିକ ଅର୍ଥ ଖର୍ଚ୍ଚ ହୋଇଛି। ଧାନ ବିକ୍ରି କଲେ ଚାଷୀ ଏସବୁ ଋଣ ପରିଶୋଧ କରିବାକୁ ଚାହିଁ ବସିଥିବା ବେଳେ ମଣ୍ଡି ଖୋଲି ନ ଥିବାରୁ ଚାଷୀମୁଣ୍ଡରେ ଚଡକ ପଡିଛି । ବିଭିନ୍ନ ଅସୁବିଧା ଯୋଗୁ ଧାନକ୍ରୟ ହୋଇ ନ ଥିବା ସମ୍ପାଦକ ଜେନା ସୂଚନା ଦେଇଛନ୍ତି। ବିଶେଷତଃ ଡାଟା ଏଣ୍ଟି ପ୍ରତିଦିନ, ପ୍ରତିଦିନ ମଣ୍ଡିର ଖର୍ଚ୍ଚ ଏବଂ ମିଲର ଆସିବା ନେଇ ଆସୁବିଧା ଦେଖାଦେଇଛି। ଜିଲା ପ୍ରଶାସନ ଶୀଘ୍ର ଧାନ କ୍ରୟର ବ୍ୟବସ୍ଥା ନ କଲେ ପରିସ୍ଥିତି ଜଟିଳ ହେବାର ଆଶଙ୍କା ରହିଛି। ଚଳିତବର୍ଷ ସରକାର ଧାନ କୁଇଣ୍ଟାଲ ମୂଲ୍ୟ ୧୯୪୦ଟଙ୍କା ରଖିଥିବା ବେଳେ ଖୋଲା ବଜାରରେ ପଶ୍ଚିମବଙ୍ଗ ଧାନ ବ୍ୟବସାୟୀମାନେ କୁଇଣ୍ଟାଲ ପ୍ରତି ୧୩୪୦ ଟଙ୍କାରେ କିଣୁଥିବା ଦେଖାଯାଉଛି।



ମଣ୍ଡିରେ ରଖାଯାଇଥିବା ଧାନ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ବୈଶିଙ୍ଗା, ୧୭।୧୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବାମଡ଼ା ଗ୍ରାମରେ ଜଣେ ଯୁବକ ଶୁକ୍ରବାର ଅପରାହ୍ନରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବାଲେଶ୍ୱର ଜିଲା ନଳବାହାର ଅଞ୍ଚଳର ମଙ୍ଗଳ ସିଂଙ୍କ ପୁଅ ଗୌରା। ୮ ବର୍ଷ ତଳେ ସେ ବାମଡ଼ା ଗ୍ରାମରେ ବିବାହ କରି ପରିବାର ସହିତ ରହି ଆସୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନାରେ ଅପମୃତ୍ୟୁ ମାମଲା(ନଂ.୪୬/୨୧) ରୁଜୁ ହୋଇଛି।

### ସୋସିଆଲ୍ ମିଡିଆରେ ସମ୍ମାନହାନି ଅଭିଯୋଗ

**ହାଟଡିହୀ, ୧୭।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡେଙ୍ଗା ଅଞ୍ଚଳର ରବି ନାୟକଙ୍କ ନାମରେ ସମ୍ମାନହାନୀ ସୂଚକ ଟୁଇଟ କରି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଅଡୁଆରେ ପଡ଼ିଛନ୍ତି। ଏନେଇ ସୋସୋ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ନରହରି ମଲିକ ନାମକ ଜଣେ ବ୍ୟକ୍ତି ମୋରମ ଚୋରି ସମ୍ପର୍କିତ ଟୁଇଟ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ସ୍ଥାନୀୟ ପୋଲିସକୁ ହାତବାରିଶ କରି ରବି ନାୟକ ମୋରମ ଚୋରା ଚାଲାଣରେ ସମ୍ପୃକ୍ତ ଅଛନ୍ତି। ଗୋଟିଏ ରାତିରେ ୧୦ଲକ୍ଷ ଟଙ୍କାର ମୋରମ ଚୋରା କାରବାର ହୋଇଛି। ତେବେ ରବି ନାୟକ ମୋରମ ଚୋରା କାରବାରରେ ସମ୍ପୃକ୍ତ ନ ଥିବା ବେଳେ ସୋସିଆଲ ମିଡିଆ ଜରିଆରେ ତାଙ୍କ ସମ୍ମାନହାନୀ କରାଯାଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ମିଥ୍ୟା ଟୁଇଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି।

### ନବାଗତଙ୍କୁ ସ୍ୱାଗତ

**ଭଣ୍ଡାରିପୋଖରୀ, ୧୭।୧୨ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ସ୍ଥିତ ନାଆଁମୀ ମହାବିଦ୍ୟାଳୟରେ ଯୁକ୍ତ ୩ ଇଂଲିଶ ବିଭାଗର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ଉତ୍ସବରେ ଅଧକ୍ଷ ଡ. ବିନୋଦ ବିହାରୀ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଭାରପ୍ରାପ୍ତ ଅଧକ୍ଷ ସନ୍ତୋଷ ସାହୁ ଏବଂ ଅନ୍ୟତମ ଅତିଥି ଭାବେ ଅଧାପିକା ମନୋରମା ଖଣ୍ଡେଇ, ଅଧାପକ ଡ. ଶଶଧର ସାହୁ, ବିନାୟକ ଘୋଷ, ରାମଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଭାଗ ମୁଖ୍ୟ ଅଧାପକ ଡ. ରଘୁନାଥ ସାହୁ ସ୍ୱାଗତ ଭାଷଣ ଓ ଅଧାପକ ଡ. ଅଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଛାତ୍ରୀ ବର୍ଷାରାଣୀ ଓ ଲିସା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

**ବାଲିଆପାଳ, ୧୭।୧୨(ସ୍ୱ.ପ୍ର.):** ବାଲିଆପାଳ ବ୍ଲକ ସାଉଡି ପଞ୍ଚାୟତରେ ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ରଞ୍ଜିତା ଟୁଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ବିରେନ ମଣ୍ଡଳ ସଭାପତିତ୍ୱ କରିଥିଲେ। ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ବ୍ଲକ କନିଷ୍ଠଯନ୍ତ୍ରୀ ମିହିର ପଣ୍ଡା, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଚରଣ ଦାସ, ସାମାଜିକ କର୍ମୀ ଅଜୟ ସାମଲ, ବିମଳ ସାହୁ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ମିଶ୍ରଣ ପର୍ବ

**ଭଦ୍ରକ ଅଫିସ, ୧୭।୧୨:** ଭଦ୍ରକ ସଂସ୍କୃତି ଭବନଠାରେ ଶୁକ୍ରବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ କେଦାରପୁର ପଞ୍ଚାୟତର ୧୫୦ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଡାକବାକ୍ସ ଉପରେ ତାଲା, ତଳେ ଖୋଲା

**ସଜନାଗଡ, ୧୭।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବସିଥିବା ଡାକବାକ୍ସର ତଳ ପାର୍ଶ୍ୱ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଉପର ପାର୍ଶ୍ୱରେ ତାଲା ଝୁଲୁଛି। ବାକ୍ସରେ ପଡ଼ିଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ଚିଠି ତଳ ଫାଙ୍କରେ ଗଦା ହୋଇରହୁଛି। ଡାକ ବିଭାଗ ମାସ ମାସ ଧରି ଚିଠିଗୁଡ଼ିକ ନେଉ ନ ଥିବା ବେଳେ ଖୁଲମ୍‌ଖୁଲା ତଳେ ପଡ଼ିଥିବା ଦେଖିବାକୁ ମିଳିଛି।

## ଟିକା ନେବା ପରେ ପ୍ରାଣଗଲା

**କୁଳିଅଣା, ୧୭।୧୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ କେଶରପୁର ବିଦ୍ୟାଳୟ ଟିକାକରଣ କେନ୍ଦ୍ରରେ ଗୁରୁବାର ପ୍ରଥମ ଡୋଜ୍ କୋଭିସିଲ୍ଡ ଟିକା ନେବାର କିଛି ସମୟ ପରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିପିନ ମହାନ୍ତ। ଟିକା ନେଇ ଘରକୁ ଫେରିବା ପରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ତାଙ୍କୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଚାନ୍ଦୁଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି କୁନି ବେସ୍ରା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, କୁଳିଅଣା ଥାନା ଅଧୀନ ଗାଙ୍ଗରାଜ ଗ୍ରାମର ଶାନ୍ତିଲତା ସିଂ ଗୁରୁବାର ଦ୍ୱିତୀୟ ଡୋଜ୍ ଟିକା ନେବାର ୫ମିନିଟ ପରେ ଅସୁସ୍ଥ ହୋଇ ପଡ଼ିଥିଲେ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ତାଙ୍କୁ ପିଆର୍‌ଏମ୍ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ମନ ଜିଣିଲା ସାଂସ୍କୃତିକ କାର୍ଯ୍ୟକ୍ରମ

## ସରିଲା ରୌପ୍ୟ ଜୟନ୍ତୀ ମହୋତ୍ସବ

**ଖଇରା, ୧୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ନଛିପୁର ହାଇସ୍କୁଲ ପଡିଆରେ ଚାଲିଥିବା ରୌପ୍ୟ ଜୟନ୍ତୀ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇଯାଇଛି। ଜଗତାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖଇରାରେ ବୌଦ୍ଧ ଐତିହ ପ୍ରସଙ୍ଗରେ ଆୟୋଜିତ ଆଲୋଚନାଚକ୍ରରେ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଅଧାପକ ବନମାଳୀ ବାରିକ, ପ୍ରାକ୍ତନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ବରିଷ୍ଠ ଖବରଦାତା କୈଳାସ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଖଇରା ବ୍ଲକର କୁପାରୀ ସମେତ ବହୁ ଅଞ୍ଚଳରେ ପୁରାତନ ବୌଦ୍ଧ କିର୍ତ୍ତୀ ଶିଳାଲେଖ ହଜିବାକୁ ବସିଥିବା ବେଳେ ସଂଗ୍ରହାଳୟରେ ସ୍ଥାପନା କରି ଏହାକୁ ସଂରକ୍ଷିତ କରିବାକୁ ଦାବି କରିଥିଲେ। ସନ୍ଧ୍ୟାରେ ଭରତ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓକିଲ ସଂଘର ରାଜ୍ୟ ସମ୍ପାଦକ ଦୀପକ କୁମାର ମହାପାତ୍ର ମୁଖ୍ୟଅତିଥି, ସଙ୍ଗୀତଜ୍ଞ କିଶୋର ରାଉତ, ସାମାଜିକ କର୍ମୀ ରମାକାନ୍ତ ମହାନ୍ତି, ସନ୍ତୋଷ ସାହୁ, ବାସୁଦେବ ପାତ୍ର, ପ୍ରଧାନଶିକ୍ଷକ ରାମଚନ୍ଦ୍ର ପତ୍ରୀ, ବାସୁଦେବ ପାତ୍ର, ଅଲେଖ ଚନ୍ଦ୍ର ନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ସଂଗ୍ରାମ କେଶରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସ୍କୁଲ ପ୍ରତିଷ୍ଠାରେ ବଦାନ୍ୟତା ଦେଖାଇଥିବା ବ୍ୟକ୍ତି ପ୍ରାକ୍ତନ ଶିକ୍ଷକ ଓ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ବିଷ୍ଣୁ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଭଗବାନ ମିଶ୍ର, ହରିହର ପତ୍ରୀ, ନରସିଂହ ପାଣି, ପ୍ରଦୀପ୍ତ ମାହାନା, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମିଶ୍ର, ଦେବସ୍ମିତା ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷା କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଓଡିଶା ସଂସ୍କୃତି ବିଭାଗ ପ୍ରଦତ୍ତ ପୁରୀର ରଙ୍ଗଶାଳା ତଥା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ, ଓଡିଶୀ, ଆଦିବାସୀ ଓ ଘୋଡା ନାଚ ଦର୍ଶକଙ୍କ ମନ ଜିଣିଥିଲା।



ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# କୋର୍ଟ ଉଦ୍‌ଘାଟନ ଉତ୍ସବରେ ଯୋଗଦେବେନି ଆଇନଜୀବୀ

**ଭଦ୍ରକ ଅଫିସ, ୧୭।୧୨**

ଶନିବାର ନଳାଙ୍ଗଠାରେ ବହୁ ପ୍ରତୀକ୍ଷିତ ନବନିର୍ମିତ କୋର୍ଟ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ଆଇନଜୀବୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ଭଦ୍ରକ ସଂଘର ସଭାପତି ଦିଲୀପ ମହାପାତ୍ର ପ୍ରକାଶ କରିଛନ୍ତି। ନଳାଙ୍ଗଠାରେ କୋର୍ଟକୁ ବିରୋଧ କରି ଆଇନଜୀବୀମାନେ ପୁରୁଣା କୋର୍ଟଠାରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଭଦ୍ରକ ସହରରେ ଥିବା ଜିଲା ଜଜ୍ କୋର୍ଟଠାରୁ ନୂତନ କୋର୍ଟ ୭ କିଲୋମିଟର ଦୂର। ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଏହା ନିର୍ମାଣ ହୋଇଥିବାରୁ ଯିବାଆସିବା ପାଇଁ ସମସ୍ୟା ସୃଷ୍ଟି ହେବ। ଏଣୁ ଓକିଲ ସଂଘ ବିରୋଧ କରିଆସୁଛି। ନୂତନ କୋର୍ଟ ପରିସରରେ ଓକିଲ, ମୋହରିର, ଟାଇପିଷ୍ଟ ଏବଂ ଡିଟିପି ବାଲାଙ୍କ ବସିବା, ଗାଡ଼ି ପାର୍କିଂ, ଆଲୋକ ଏବଂ ବସ୍ ଷ୍ଟପେଜର କୌଣସି ବ୍ୟବସ୍ଥା ନାହିଁ। ଭଦ୍ରକରେ ୧୨ଶହ ଓକିଲଙ୍କ ମଧ୍ୟରୁ ପ୍ରତିଦିନ ୮ଶହ ଜଣ କୋର୍ଟ ଆସୁଥିବା ବେଳେ ସେଠାରେ ମାତ୍ର ଦୁଇଶହ ଓକିଲଙ୍କ ବସିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଅନ୍ୟମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ୭ କିଲୋମିଟର ଦୂର ଯିବାକୁ ଇଚ୍ଛା କରୁ ନ ଥିବା ବରିଷ୍ଠ ଆଇନଜୀବୀ ଗଦାଧର ବଳ କହିଛନ୍ତି।

## ଡ୍ରାଇଭର ମହାସଂଘର ବୈଠକ

**ବୈଶିଙ୍ଗା, ୧୭।୧୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ନିକଟସ୍ଥ ଆର୍‌ଏମ୍‌ସି ପରିସରରେ ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ୍ରାଇଭରମାନଙ୍କୁ ୬୦ ବର୍ଷ ହୋଇଯିବା ପରେ ସେମାନଙ୍କ ନିମନ୍ତେ ଅବସରକାଳୀନ ପେନସନ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ସମସ୍ୟା ନିମନ୍ତେ ଜରୁରୀକାଳୀନ ଚିକିତ୍ସା ଖର୍ଚ୍ଚ ଯୋଗାଇ ଦେବା ବାବଦରେ ନିକଟରେ ଓଡ଼ିଶା ସରକାରଙ୍କ ସହିତ ଆଲୋଚନା ହୋଇଥିଲା। ଏହି ସମସ୍ତ ଦାବିଗୁଡ଼ିକ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବା ପାଇଁ ପ୍ରଶାସନ ନିକଟରେ ଅନୁରୋଧ କରାଯାଇଥିଲା। ବୈଠକରେ ବୈଶିଙ୍ଗା ଥାନା ଏସ୍‌ଆଇ ଲକ୍ଷ୍ମଣ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବୈଠକ ପରେ ସଂଘ ପକ୍ଷରୁ ଏକ ବାଇକ୍ ରାଲି ବୈଶିଙ୍ଗା ବଜାର ଅଞ୍ଚଳ ପରିକ୍ରମା କରିଥିଲା।

# ୪ କେନ୍ଦ୍ରରେ ଧାନ କିଣା ହେବ: ଉପଜିଲାପାଳ

**ଚମ୍ପୁଆ, ୧୭।୧୨ (ଡି.ଏନ.ଏ)**

ବିଭିନ୍ନ ଦାବିରେ ସମବାୟ କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଥିବା ବେଳେ ଚାଷୀଙ୍କଠାରୁ ଧାନ କିଣା ନେଇ ଲାଗିରହିଥିବା ଅନିଶ୍ଚିତତାର ଅବସାନ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଏଭଳି ପରିସ୍ଥିତିରେ ଚାଷୀଙ୍କଠାରୁ ଧାନ କ୍ରୟ ଲାଗି ବିକଳ୍ପ ବ୍ୟବସ୍ଥା କରାଯାଇଛି। ଚମ୍ପୁଆ ଉପଖଣ୍ଡର ୪ କେନ୍ଦ୍ରରେ ନିୟନ୍ତ୍ରିତ ବଜାର କମିଟି, ଯୋଗାଣ, ସମବାୟ, ରାଜସ୍ୱ ଓ କୃଷି ବିଭାଗ ସହଯୋଗରେ ବ୍ଲକର ରଜିଆ ପଞ୍ଚାୟତ କାର୍ଯ୍ୟାଳୟ, ଭଣ୍ଡା ଲ୍ୟାମ୍ପ୍ସ, ଝୁମ୍ପୁରା ବ୍ଲକର ଝୁମ୍ପୁରା ଲ୍ୟାମ୍ପ୍ସ ଏବଂ ଉଖୁଣ୍ଡା ଲ୍ୟାମ୍ପ୍ସ କେନ୍ଦ୍ରରେ ଧାନ କିଣାଯିବ। ଏଥିସହ ମଣ୍ଡିରେ ସୁବ୍ୟବସ୍ଥା ମାଧ୍ୟମରେ ଧାନକିଣା ତଦାରଖ କରିବା ପାଇଁ ନିଜ ନିଜ ଅଞ୍ଚଳର ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଥିବା ଉପଜିଲାପାଳ ପ୍ରତାପ ପ୍ରତିମୟ ସୂଚନା ଦେଇଛନ୍ତି। ସମବାୟ ବିଭାଗ ପତ୍ର ସଂଖ୍ୟା ୧୭୭୭୧ ଅନୁସାରେ ତଥା ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆର୍‌ଏମ୍‌ସି ବିଭାଗ ଦ୍ୱାରା ଚାଷୀଙ୍କଠାରୁ ଧାନ କିଣା ହେବ ବୋଲି ଜଣାଯାଇଛି। ପ୍ରକାଶ ଯେ, ଚଳିତବର୍ଷ ଚମ୍ପୁଆ ଉପଖଣ୍ଡର ୮୭୫୩ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ସମବାୟ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଚାଷୀମାନେ ଧାନ ବିକ୍ରି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ସିଡିପିଓ ଅଫିସ ଘେରିଲେ ଗ୍ରାମବାସୀ

**ବାଙ୍ଗିରିପୋଷି, ୧୭।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ମଶିଣାବିଲା ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ କର୍ମୀଙ୍କ ଅବହେଳାରୁ ପ୍ରତ୍ୟେକ ମାସ ଶିଶୁମାନେ ଖାଦ୍ୟ ଠିକ୍ ଭାବରେ ପାଇ ପାରୁନାହାଁନ୍ତି। ଏପରିକି ୪ ମାସ ହେବ ଶିଶୁଙ୍କ ଖାଦ୍ୟ ବଣ୍ଟା ହୋଇପାରି ନାହିଁ। ୩ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ପୋଷାକ ମଧ୍ୟ ଦିଆଯାଇ ନାହିଁ। ସେହିପରି ଜନନୀ ସୁରକ୍ଷା ଯୋଜନାରେ ମିଳୁଥିବା ଅର୍ଥିକ ସହାୟତା ମଧ୍ୟ ଠିକ୍ ଭାବରେ ମିଳୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ଗ୍ରାମବାସୀ ସିଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ବିଡିଓ ରାମଦାସ ଟୁଡୁ ଏବଂ ସିଡିପିଓ ମିନତୀ ଦାସ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ଅତିରିକ୍ତ ବିଡିଓ ରୂପେଶ କୁମାର ନାୟକ ଅନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା। ଏହି ଘେରାଉ କାର୍ଯ୍ୟକ୍ରମରେ ଗ୍ରାମର ଦିଗି ବାସ୍କେ, ମାଲଗେ ମୁର୍ମୁ, ଗୌରୀ ସୋରେନ, ସୁମିତ୍ରା ଟୁଡୁ, ବୁଧୁ ଟୁଡୁ, ସୁଗିମଣି ସୋରେନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



ସିଡିପିଓ ଅଫିସ ସାମ୍ନାରେ ମଶିଣାବିଲା ଗ୍ରାମବାସୀ।

## ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ତାଲିମ

**ଭଣ୍ଡାରିପୋଖରୀ, ୧୭।୧୨ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ଶୁକ୍ରବାର ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନଙ୍କୁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ଭାରପ୍ରାପ୍ତ ଅଧିକାରୀ ସୁବ୍ରତ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ନିର୍ଝରଣୀ ରାଉତ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗ ସହ ସହଭାଗିତା ଭିତ୍ତିରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟ କରାଯିବା ନେଇ ମହିଳାମାନଙ୍କୁ ତାଲିମ ଦିଆଯାଇଥିଲା। ବ୍ଲକର ୨୩ ପଞ୍ଚାୟତରୁ ପ୍ରାୟ ୯୨ଜଣ ସ୍ୱୟଂସହାୟିକା ନେତ୍ରୀ ଏଥିରେ ଭାଗ ନେଇଥିଲେ। ମାଷ୍ଟର ଟ୍ରେନର ଭାବେ ଅନ୍ନପୂର୍ଣ୍ଣା ପଣ୍ଡା, ଜ୍ୟୋତ୍ସ୍ନା ସାହୁ ଓ ଶକୁନ୍ତଳା ସାମଲ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହକାରୀ ପ୍ରକଳ୍ପ ସଂଯୋଜିକା ସୁଜାତା ପଣ୍ଡା ଶିବିର ପରିଚାଳନା କରିଥିଲେ।

# ହାତୀ, ମଣିଷର ସୁରକ୍ଷା ପାଇଁ ସମନ୍ୱୟ ବୈଠକ

**କେନ୍ଦୁଝର, ୧୭।୧୨ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଦରବାର ହଲଠାରେ ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଗୁରୁବାର ପୂର୍ବାହ୍ନରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି, ଆନନ୍ଦପୁର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଏବଂ ଜିଲାର ସମସ୍ତ ବନାଞ୍ଚଳ ଅଧିକାରୀ ଓ ବନପାଳ ମାନେ ଯୋଗ ଦେଇଥିଲେ। ବିଦ୍ୟୁତ ବଣ୍ଟନ କମ୍ପାନୀ ଟାଟା ପାୱାରର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଓ ଜୁନିୟର ଇଞ୍ଜିନିୟର ମାନେ ଏହି ବୈଠକରେ ସାମିଲ ହୋଇଥିଲେ। ବିଦ୍ୟୁତଜନିତ ମୃତ୍ୟୁରୁ ହାତୀକୁ କେମିତି ରକ୍ଷା କରାଯାଇ ପାରିବ ଏବଂ ଏଥିସହିତ ଜନସାଧାରଣ ମଧ୍ୟ ଠିକ୍ ଭାବରେ କିପରି ବିନା ବ୍ୟାଘାତରେ ବିଜୁଳି ସେବା ପାଇପାରିବେ ସେ ବାବଦରେ ଜିଲାପାଳ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଏହାର ସମାଧାନ ପାଇଁ ବିଦ୍ୟୁତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ଓ ବନବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଗଲେ, ଏହାର ଆଶୁ ସମାଧାନ ହୋଇପାରିବ ବୋଲି ବନଖଣ୍ଡ ଅଧିକାରୀ ମତବ୍ୟକ୍ତ କରିଥିଲେ।

# ବାଲିଆପାଳ ପଞ୍ଚାୟତ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ବାଲିଆପାଳ, ୧୭।୧୨(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବାଲିଆପାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ମଧୁସୂଦନ ବାରିକଙ୍କ ତତ୍ତ୍ୱାବଧାନରେ ନିର୍ମିତ କଲ୍ୟାଣମଣ୍ଡପକୁ ଗୁରୁବାର ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜନ ନାୟକ ଉଦ୍‌ଘାଟନ କରିଛନ୍ତି। ଏହା ମିଳିତ ଭବେ ବାଲିଆପାଳ ବ୍ଲକ ଏବଂ ବାଲିଆପାଳ ପଞ୍ଚାୟତର ଆର୍ଥିକ ସହଯୋଗରେ ନିର୍ମାଣ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବ୍ଲକ ୨୦ଲକ୍ଷ ଅନୁଦାନରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ମାଣ ଶେଷ ଲାଗି ଅର୍ଥ ଅଭାବ ପଡିବାରୁ ପଞ୍ଚାୟତରୁ ୧୫ଲକ୍ଷ ଟଙ୍କା ଅନୁଦାନରେ କାମ ହୋଇଥିଲା। ସ୍ୱଳ୍ପ ମୂଲ୍ୟରେ ଏହାକୁ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ବାରିକ କହିଛନ୍ତି। କନିଷ୍ଠଯନ୍ତ୍ରୀ ଏମ୍.ଏନ୍. ପାତ୍ର, ଭିଏଲ୍‌ଡବ୍ଲ୍ୟୁ କରୁଣାକର ଜେନା, ଜିଆର୍‌ଏସ୍ କିଶୋର ସାହୁ, ବାଲିଆପାଳ ପଞ୍ଚାୟତ ସଦସ୍ୟ ଗିରିଶ ପାତ୍ର, ୬ନମ୍ବର ୱାର୍ଡ଼ର ପୂର୍ବତନ ୱାର୍ଡ଼ମେମ୍ବର ଅବଦୁଲ ରେହମାନ, ଜଗନ୍ନାଥ ବାରିକ, ଅରୁଣ ପାତ୍ର, ପ୍ରିଣ୍ଟୁ ସି, ସେକ ଅନିରୁଦ୍ଦିନ, ଅବଦୁଲ ସମ୍ମତ, ପଞ୍ଚାୟତ ୧୩ ନଂ. ୱାର୍ଡ଼ମେମ୍ବରଙ୍କ ସହିତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ

**ବାରିପଦା ଅଫିସ, ୧୭।୧୨**

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୧ତମ ପୂଣ୍ୟ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଜିଲାପାଳ ବିନୀତ ଭରଦ୍ୱାଜ ଓ ଉପଜିଲାପାଳ ଅନ୍ୟା ଦାସଙ୍କ ସମେତ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ପ୍ରଭାତରେ ବାରିପଦା ସହରରେ ରାମଧୂନ ଗାନ କରାଯାଇଥିଲା। ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ମଧୁବନସ୍ଥିତ ରାଣୀବାଗଠାରେ ଥିବା ମହାରାଜାଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଶ୍ରୀରାମଚନ୍ଦ୍ର ପାଠାଗାରଠାରେ ଆୟୋଜିତ ଉତ୍ସବରେ ବିଭିନ୍ନ ଦଳର ବରିଷ୍ଠ ନେତୃବୃନ୍ଦ, ବିଶିଷ୍ଟ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ପ୍ରେସ୍ କ୍ଲବ ବୈଠକ



ସ୍ୱାମପାଟଣା ପ୍ରେସ୍ କ୍ଲବର ସଦସ୍ୟମାନେ।

**ପାଟଣା, ୧୭।୧୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡ ପର୍ଯ୍ୟଟନ ସ୍ଥଳୀର ଡାକବଙ୍ଗଳାରେ ଶୁକ୍ରବାର ସ୍ୱାମପାଟଣା ପ୍ରେସ୍ କ୍ଲବର ସଦସ୍ୟମାନଙ୍କୁ ନେଇ ସାଧାରଣ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମହେଶ୍ୱର ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିଥିଲେ। ଖବରଦାତା ବୀରକିଶୋର ଦାଶ, ନୃସିଂହ ନାଥ ସିଂ, କିଶୋର ଚନ୍ଦ୍ର ମହାନ୍ତ, ସନ୍ତୋଷ କୁମାର ପତି, ବିଜୟରତ୍ନ ପତି, କାମିନୀକାନ୍ତ ଦ୍ୱିବେଦୀ, ରଞ୍ଜନ କୁମାର ବାରିକ, ଶାନ୍ତନୁ ବେହେରା, ଅଭିମନ୍ୟୁ ରାଉତ, ଚିରଞ୍ଜୀବ ଦାଶ, ନିଶିକାନ୍ତ ବେହେରା, ବିଜୟ କାରୁଆ, ଉଗ୍ରସେନ ପୃଷ୍ଟି, ବିପ୍ଳବ କୁମାର ପୃଷ୍ଟି, ଅଞ୍ଜନ ରଣା, ଅନିରୁଦ୍ଧ ନାଏକ, ସଞ୍ଜୟ ପଲେଇ, ଗୌତମ ସେଠୀ ପ୍ରମୁଖ ଯୋଗଦେଇଥିଲେ। କର୍ମ କ୍ଷେତ୍ରରେ ଖବରଦାତାମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ସମ୍ପାଦକ ବିଜୟରତ୍ନ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ବିକ୍ଷୋଭ

**କେନ୍ଦୁଝର, ୧୭।୧୨ (ସ୍ୱ.ପ୍ର./ଡି.ଏନ.ଏ.)**

ଧାନ ମଣ୍ଡି ଖୋଲିବା ଦାବିରେ ଶତାଧିକ ଚାଷୀ ଶୁକ୍ରବାର କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖରିଫ ଧାନ କିଣାରେ ସରକାର ଅହେତୁକ ବିଳମ୍ବ କରୁଛନ୍ତି। ବର୍ଷର କଷ୍ଟ ଲବ୍ଧ ଧାନ ଏବେ ଘର ଅଗଣାରେ ପଡ଼ି ରହିଛି। ଫଳରେ ଚାଷୀଙ୍କ ଆର୍ଥିକ ଅବସ୍ଥା ଖରାପ ହେଲାଣି। ସମବାୟ ବିଭାଗ କର୍ମଚାରୀମାନେ ଧର୍ମଘଟରେ ସାମିଲ ହୋଇଥିବାରୁ ଲ୍ୟାମ୍ପସଗୁଡ଼ିକରେ ଧାନ କ୍ରୟ କରାଯାଉନାହିଁ। ଜିଲାର ଚାଷୀମାନେ ୧୩ ତାରିଖରୁ ଟୋକନ ପାଇଥିବା ବେଳେ ଏହାରଅବଧି ସରି ସରି ଆସୁଛି। କିନ୍ତୁ ଧାନ କିଣିବା ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଅସମୟରେ ବର୍ଷା ଆସିଲେ ଖଳାରେ ପଡ଼ିଥିବା ଧାନ ଗଜା ହୋଇଯିବ। ତେଣୁ ତୁରନ୍ତ ଧାନ କିଣିବା ଲାଗି ବ୍ୟବସ୍ଥା କରିବାକୁ ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଦାବି କରିଛନ୍ତି। ବିକ୍ଷୋଭ ସମାବେଶରେ ବିଧାୟକ ମାଝୀଙ୍କ ସମେତ କୃଷକ ମୋର୍ଚ୍ଚା ଜିଲା ସମ୍ପାଦକ ଭାଗିରଥି ସିଂ, ଅଜୟ କୁମାର ସାହୁ, ଦିଲ୍ଲୀପ କୁମାର ପଣ୍ଡା, ବେଣୁଧର ମହାନ୍ତ, ସୁବ୍ରତ ମହାନ୍ତି, ପ୍ରକାଶ ସୂତ୍ରଧର, ପ୍ରକାଶ ମଲ୍ଲିକ, କେଶବ ମହାନ୍ତ, ସରୋଜ ସାହୁ, ଗୋବର୍ଦ୍ଧନ ମହାନ୍ତ, ହେମନ୍ତ ନାୟକ, ବଟକୃଷ୍ଣ ମହାନ୍ତ, ଭୀମସେନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଗୌରଚନ୍ଦ୍ର ମହାନ୍ତଙ୍କ ସମେତ ବହୁ ଚାଷୀ ସାମିଲ ଥିଲେ। ପରେ ଜିଲାପାଳଙ୍କ ଜରିଆରେ ୮ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଚାଷୀ ଓ ଭାଜପା କାର୍ଯ୍ୟକର୍ତ୍ତା।

## ଧାନ ମଣ୍ଡି ଖୋଲିବାରେ ବିଳମ୍ବ

